# ମେସର୍ସ ଡୋଡସାଲ୍ ପ୍ରାଇଭେଟ୍ ଲିମିଟେଡ୍

## ବନାମ

## ଦିଲ୍ଲୀ ବିଦ୍ୟୁତ ଯୋଗାଣ ସଂସ୍ଥା, ଦିଲ୍ଲୀ ମହାନଗର ନିଗମ

## ଫେବୃଆରୀ 14, 1996

## [ବି.ଏଲ୍. ହଂସାରିୟା ଏବଂ କେ. ଭେଙ୍କଟସ୍ୱାମୀ, ନ୍ୟାୟମୂର୍ତ୍ତିଦ୍ୱୟ]

*ମଧ୍ୟସ୍ଥତା ଏବଂ ସମାଧାନ ଅଧ୍ୟାଦେଶ, 1996:*

*ଧାରା 4, 7 (2) - ଦିଲ୍ଲୀ ବିଦ୍ୟୁତ ଯୋଗାଣ ସଂସ୍ଥା (ଡି.ଇ.ଏସ୍.ୟୁ.) ଏବଂ ଜଣେ ଉପଭୋକ୍ତାଙ୍କ ମଧ୍ୟରେ ହୋଇଥିବା ଚୁକ୍ତି — ମଧ୍ୟସ୍ଥତା ରାଜିନାମା — ମଧ୍ୟସ୍ଥମାନଙ୍କ ନିଯୁକ୍ତି — ଡି.ଇ.ଏସ୍.ୟୁ. ଦ୍ୱାରା କ୍ଷେତ୍ରାଧିକାର ସମ୍ପର୍କିତ ପ୍ରଶ୍ନ ଉତ୍ଥାପନ — ଉଚ୍ଚ ନ୍ୟାୟାଳୟଙ୍କ ନିଷ୍ପତ୍ତି ଯେ ଉକ୍ତ ଚୁକ୍ତିଟି ଅସିଦ୍ଧ, କାରଣ ଏହା ଦିଲ୍ଲୀ ମହାନଗର ନିଗମ ଅଧିନିୟମର ଧାରା 201 ଏବଂ 203 ସହିତ ପଠିତ ଉପନିୟମ 3 (1) (a) ର ଉଲ୍ଲଂଘନ କରୁଛି — ଅପିଲର ଶୁଣାଣି କରି ନ୍ୟାୟାଳୟ ନିର୍ଣ୍ଣୟ ନେଇଥିଲେ ଯେ, ଏକ ସାମ୍ବିଧାନିକ ନ୍ୟାୟପୀଠଙ୍କ ନିଷ୍ପତ୍ତିକୁ ଦୃଷ୍ଟିରେ ରଖି ଏହି ମାମଲାଟିକୁ ଅନ୍ୟ ଏକ ପାଞ୍ଚ ଜଣିଆ ନ୍ୟାୟମୂର୍ତ୍ତିଙ୍କ ନ୍ୟାୟପୀଠକୁ ପଠାଗଲା; କାରଣ ୱେଭର୍ଲି ଜୁଟ୍ ମିଲ୍ସ ମାମଲାରେ କେତେକ ପ୍ରଶ୍ନ ଏହି ସାମ୍ବିଧାନିକ ନ୍ୟାୟପୀଠଙ୍କ ସମ୍ମୁଖରେ ଉପସ୍ଥାପନ କରାଯାଇ ନଥିଲା । ଦିଲ୍ଲୀ ମହାନଗର ନିଗମ ଅଧିନିୟମ - ଧାରା 201, 203* ।

*ୱେଭର୍ଲି ଜୁଟ୍ ମିଲ୍ସ କମ୍ପାନୀ ଲିମିଟେଡ୍ ବନାମ ରେମନ୍ ଆଣ୍ଡ କମ୍ପାନୀ (ଇଣ୍ଡିଆ) ପ୍ରାଇଭେଟ୍ ଲିମିଟେଡ୍,* **AIR (1963) SC 90 ଏବଂ** *କ୍ରିଶନ୍ ଲାଲ୍ ବନାମ ଜାମ୍ମୁ-କାଶ୍ମୀର ରାଜ୍ୟ,* **[1994] 4 SCC 422 ମାମଲାଦ୍ୱୟକୁ ଉଲ୍ଲେଖ କରାଯାଇଛି ।**

*ରିଜ୍ ବନାମ ବାଲ୍ଡୱିନ୍,* **(1964) AC 40 ଏବଂ** *ଆନିସ୍ମିନିକ୍ ଲିମିଟେଡ୍ ବନାମ ବୈଦେଶିକ କ୍ଷତିପୂରଣ ଆୟୋଗ,* **(1969) 2 AC 147 ମାମଲାଦ୍ୱୟକୁ ଉଲ୍ଲେଖ କରାଯାଇଛି ।**

ୱେଡ୍ ଏବଂ ଫୋର୍ସିଥ୍ ଦ୍ୱାରା 'ପ୍ରଶାସନିକ ଆଇନ', **ସପ୍ତମ ସଂସ୍କରଣ ପୃଷ୍ଠା ସଂଖ୍ୟା 339 ରୁ 344, ଉଲ୍ଲେଖ କରାଯାଇଛି ।**

ଦେୱାନୀ ଅପିଲୀୟ କ୍ଷେତ୍ରାଧିକାରିତା: ଦେୱାନୀ ଅପିଲ ସଂଖ୍ୟା 2372-74/1987 ।

ଏଫ୍.ଏ.ଓ. (ଓ.ଏସ୍.) ସଂଖ୍ୟା 50-52/1979 ରେ ଦିଲ୍ଲୀ ଉଚ୍ଚ ନ୍ୟାୟାଳୟଙ୍କ 16.2.83 ତାରିଖର ରାୟ ଏବଂ ଆଦେଶରୁ ଅପିଲ ।

ଅପିଲକାରୀମାନଙ୍କ ତରଫରୁ ଗାଗ୍ରାଟ ଏବଂ କମ୍ପାନୀ ପାଇଁ ରାଜୀବ ତ୍ୟାଗୀ ।

ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

1. ଉତ୍ତରଦାତା (ଦିଲ୍ଲୀ ବିଦ୍ୟୁତ ଯୋଗାଣ ସଂସ୍ଥା) ଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ଏକ ସମ୍ପୂର୍ଣ୍ଣ ଅନ୍ୟାୟପୂର୍ଣ୍ଣ ଆଭିମୁଖ୍ୟ ଆମକୁ ଆଇନର କେତେକ ମୌଳିକ ପ୍ରଶ୍ନର ପରୀକ୍ଷା କରିବାକୁ ବାଧ କରିଛି । ଆମେ ଏହି ମନ୍ତବ୍ୟ ସହିତ ଶୁଣାଣି ଆରମ୍ଭ କରିଛୁ, କାରଣ ଉତ୍ତରଦାତା ଅପିଲକାରୀଙ୍କ ସପକ୍ଷରେ ମଧ୍ୟସ୍ଥମାନଙ୍କ ଦ୍ୱାରା ଦିଆଯାଇଥିବା ଅଧିନିର୍ଣ୍ଣୟକୁ ଏହି ଆଧାରରେ ଆପତ୍ତି କରିଛନ୍ତି ଯେ — ଯେଉଁ ଚୁକ୍ତିନାମାରେ ମଧ୍ୟସ୍ଥତା ରାଜିନାମା ଅନ୍ତର୍ଭୁକ୍ତ ଥିଲା, ତାହା ଅବୈଧ ଅଟେ; ଯେଉଁ କାରଣରୁ ବିବାଦକୁ ମଧ୍ୟସ୍ଥତା ପାଇଁ ପଠାଇବାକୁ କୌଣସି ବୈଧ ଚୁକ୍ତିନାମା ନାହିଁ; ଏବଂ ସେଥିପାଇଁ ମଧ୍ୟସ୍ଥମାନଙ୍କ ପାଖରେ ଏହି ଅଧିନିର୍ଣ୍ଣୟ ପ୍ରଦାନ କରିବାକୁ କୌଣସି କ୍ଷେତ୍ରାଧିକାର ନଥିଲା । ଉତ୍ତରଦାତାଙ୍କ ଏହି ଆଭିମୁଖ୍ୟ ସମ୍ପୂର୍ଣ୍ଣ ବିରୋଧାଭାସପୂର୍ଣ୍ଣ, କାରଣ ଦୁଇଜଣ ମଧ୍ୟସ୍ଥଙ୍କ ମଧ୍ୟରୁ ଜଣେ, ଅର୍ଥାତ୍ ଶ୍ରୀ କେ.ଏଲ୍. ବିଜ୍‌ଙ୍କୁ ସ୍ୱୟଂ ଉତ୍ତରଦାତା ହିଁ ନିଯୁକ୍ତ କରିଥିଲେ । ମାତ୍ର ଅଧିନିର୍ଣ୍ଣୟଟି ଶେଷରେ ଅପିଲକାରୀଙ୍କ ସପକ୍ଷରେ ଯିବା ପରେ, ସେମାନେ ଏବେ କ୍ଷେତ୍ରାଧିକାର ଉପରେ ପ୍ରଶ୍ନ ଉଠାଇଛନ୍ତି । ଆମ ମନରେ ଏଥିରେ କୌଣସି ସନ୍ଦେହ ନାହିଁ ଯେ ଏଭଳି ଏକ ଆଭିମୁଖ୍ୟ ଅନ୍ୟାୟପୂର୍ଣ୍ଣ, ବରଂ ଅତ୍ୟଧିକ ଅନ୍ୟାୟପୂର୍ଣ୍ଣ । ତେବେ ପ୍ରଶ୍ନ ଉଠୁଛି, ଆଇନ ଏଭଳି ଏକ ପ୍ରଶ୍ନ ଉତ୍ଥାପନ କରିବାକୁ ଅନୁମତି ଦିଏ କି ନାହିଁ ?

2. ଉଚ୍ଚ ନ୍ୟାୟାଳୟ ଏହି ଯୁକ୍ତିକୁ ଗ୍ରହଣ କରିଥିଲେ ଯେ, ଚୁକ୍ତିନାମାଟି ଅସିଦ୍ଧ ଥିଲା, କାରଣ ଦିଲ୍ଲୀ ମହାନଗର ନିଗମ ଅଧିନିୟମର ଧାରା 201 ଏବଂ 203 ସହିତ ପଠିତ ଉପନିୟମ 3 (1) (a) ର ଉଲ୍ଲଂଘନ ହୋଇଥିଲା । ଉତ୍ତରଦାତାଙ୍କ ପକ୍ଷରୁ ହାଜର ହୋଇ ଡକ୍ଟର ସିଂଘଭି ଯୁକ୍ତି କରିଥିଲେ ଯେ, ଚୁକ୍ତିନାମାଟି ଅସିଦ୍ଧ ହୋଇଥିବାରୁ ଏହା ସହିତ ସେଥିରେ ଅନ୍ତର୍ଭୁକ୍ତ ଥିବା ମଧ୍ୟସ୍ଥତା ରାଜିନାମାଟି ମଧ୍ୟ ରଦ୍ଦ ହୋଇଗଲା, ଯେଉଁ କାରଣରୁ ମଧ୍ୟସ୍ଥମାନଙ୍କ ପାଖରେ ସମ୍ପୃକ୍ତ ଅଧିନିର୍ଣ୍ଣୟ ପ୍ରଦାନ କରିବାକୁ କୌଣସି କ୍ଷେତ୍ରାଧିକାର ନଥିଲା ।

3. ଏହା ମଧ୍ୟ ଦର୍ଶାଯାଇଛି ଯେ, ଏହି ନ୍ୟାୟାଳୟଙ୍କ ଏକ ସାମ୍ବିଧାନିକ ନ୍ୟାୟପୀଠଙ୍କ ଦ୍ୱାରା *ୱେଭର୍ଲି ଜୁଟ୍ ମିଲ୍ସ କମ୍ପାନୀ ଲିମିଟେଡ୍ ବନାମ ରେମନ ଆଣ୍ଡ କମ୍ପାନୀ (ଇଣ୍ଡିଆ) ପ୍ରାଇଭେଟ୍*

*ଲିମିଟେଡ୍*, AIR (1963) SC 90 ମାମଲାରେ ଯାହା ନିଷ୍ପତ୍ତି ନିଆଯାଇଛି, ତାହାକୁ ଆଧାର କରି ଏହା କୁହାଯାଇଛି ଯେ ଏଭଳି କ୍ଷେତ୍ରରେ କାର୍ଯ୍ୟାନୁଷ୍ଠାନରେ ଉତ୍ତରଦାତାଙ୍କ ଉପସ୍ଥିତି, ଅର୍ଥାତ୍ ଏହାର ମୌନ ସମ୍ମତି, ପରିସ୍ଥିତିରେ କୌଣସି ପରିବର୍ତ୍ତନ ଆଣିବ ନାହିଁ । ଉକ୍ତ ରାୟର ଅନୁଚ୍ଛେଦ 21 ରେ ଉଲ୍ଲେଖ କରାଯାଇଛି ଯେ— "ମଧ୍ୟସ୍ଥତା ପାଇଁ ଏକ ରାଜିନାମା ହେଉଛି ସେହି ମୂଳଦୁଆ ଯାହା ଉପରେ ମଧ୍ୟସ୍ଥମାନଙ୍କ କାର୍ଯ୍ୟ କରିବାର କ୍ଷେତ୍ରାଧିକାର ପର୍ଯ୍ୟବେସିତ; ଏବଂ ଯେତେବେଳେ ସେମାନେ ନିଜର ଦାୟିତ୍ୱ ଗ୍ରହଣ କରନ୍ତି, ସେହି ସମୟରେ ଯଦି ଏପରି କୌଣସି ରାଜିନାମା ଅସ୍ତିତ୍ୱରେ ନଥାଏ, ତେବେ ସେହି କାର୍ଯ୍ୟାନୁଷ୍ଠାନକୁ ସମ୍ପୂର୍ଣ୍ଣ ରୂପେ କ୍ଷେତ୍ରାଧିକାର ବିହୀନ ବୋଲି ବିବେଚନା କରାଯିବ । ଏବଂ ପକ୍ଷମାନେ ସେହି କାର୍ଯ୍ୟାନୁଷ୍ଠାନରେ ବିନା କୌଣସି ପ୍ରତିବାଦରେ ହାଜର ହୋଇଥିଲେ ମଧ୍ୟ ଏହି ତ୍ରୁଟି ସଂଶୋଧିତ ହୋଇପାରିବ ନାହିଁ, କାରଣ ଏହା ସୁନିଶ୍ଚିତ ଯେ ସମ୍ମତି କୌଣସି କ୍ଷେତ୍ରାଧିକାର ପ୍ରଦାନ କରିପାରିବ ନାହିଁ" ।

4. ଉପରୋକ୍ତ ଆଭିମୁଖ୍ୟ ଆଇନର ନିମ୍ନଲିଖିତ ମୌଳିକ ପ୍ରଶ୍ନଗୁଡ଼ିକୁ ସମ୍ମୁଖକୁ ଆଣୁଛି:

(1) ବର୍ତ୍ତମାନର ଏହି ମାମଲା ଏକ ଅସିଦ୍ଧ ଚୁକ୍ତିନାମା ଥିଲା ନା ଏକ ଅସିଦ୍ଧଯୋଗ୍ୟ ଚୁକ୍ତିନାମା ଥିଲା?

(2) ଏକ ବାଧ୍ୟତାମୂଳକ ବ୍ୟବସ୍ଥାକୁ କ'ଣ ଆଦୌ ପରିତ୍ୟାଗ କରାଯାଇପାରିବ ନାହିଁ?

5. ଯେହେତୁ ଆମେ ଏହି ମାମଲାକୁ ଏକ ସାମ୍ବିଧାନିକ ନ୍ୟାୟପୀଠକୁ ପଠାଇବା ପାଇଁ ପ୍ରସ୍ତାବ ଦେଉଛୁ, ତେଣୁ ଆମେ ପ୍ରଶ୍ନଗୁଡ଼ିକ ଉପରେ ଅଧିକ ବିସ୍ତୃତ ଆଲୋଚନା କରିବୁ ନାହିଁ । କେବଳ ଏତିକି ଉଲ୍ଲେଖ କରାଯାଇପାରେ ଯେ, ୱେଡ୍ ଏବଂ ଫୋର୍ସିଥ୍ ଦ୍ୱାରା ଲିଖିତ 'ପ୍ରଶାସନିକ ଆଇନ', (ସପ୍ତମ ସଂସ୍କରଣ ପୃଷ୍ଠା ସଂଖ୍ୟା 339 ରୁ 344) ପୁସ୍ତକ ଅନୁଧ୍ୟାନ କଲେ ଜଣାପଡ଼େ ଯେ *ରିଜ୍ ବନାମ ବାଲ୍ଡୱିନ୍*, (1964) AC 40 ମାମଲାରେ ହାଉସ୍ ଅଫ୍ ଲର୍ଡସ୍‌ର କେତେକ ଭିନ୍ନମତ ପୋଷଣ କରୁଥିବା ବିଚାରପତି ପରାମର୍ଶ ଦେଇଥିଲେ ଯେ, କ୍ଷମତାତୀତ କରାଯାଇଥିବା କାର୍ଯ୍ୟ ମଧ୍ୟ କେବଳ ଅସିଦ୍ଧଯୋଗ୍ୟ ହୋଇପାରେ । ଏଥିସହିତ *ଆନିସ୍ମିନିକ୍ ଲିମିଟେଡ୍ ବନାମ ବୈଦେଶିକ କ୍ଷତିପୂରଣ ଆୟୋଗ*, (1969) 2 AC 147 ମାମଲାରେ ଯାହା ନିଷ୍ପତ୍ତି ନିଆଯାଇଥିଲା, ତାହାର ମଧ୍ୟ ଉଲ୍ଲେଖ କରାଯାଇଛି, ଯେଉଁଥିରେ ଅବୈଧତାର ବିଭିନ୍ନ ସ୍ତର ଅଛି କି ନାହିଁ, ସେହି ପ୍ରଶ୍ନ ଉପରେ ଆଲୋଚନା କରାଯାଇଥିଲା । ଏକ ବାଧ୍ୟତାମୂଳକ ବ୍ୟବସ୍ଥାର ପରିତ୍ୟାଗ ସମ୍ପର୍କରେ ଆମେ *କ୍ରିଶନ୍ ଲାଲ୍ ବନାମ ଜାମ୍ମୁ-କାଶ୍ମୀର ରାଜ୍ୟ*, [1994] 4 SCC 422 ମାମଲାରେ ଏହି

ନ୍ୟାୟାଳୟଙ୍କ ଏକ ସଦ୍ୟ ନିଷ୍ପତ୍ତିର ଉଲ୍ଲେଖ କରିପାରୁ, ଯେଉଁଥିରେ ଅନୁଚ୍ଛେଦ 16 ରୁ 25 ମଧ୍ୟରେ ଏହି ଦିଗ ଉପରେ ଆଲୋଚନା କରାଯାଇଛି । ଏହା ସୂଚିତ କରାଯାଇଛି ଯେ, ଏକ ବାଧ୍ୟତାମୂଳକ ବ୍ୟବସ୍ଥାକୁ ମଧ୍ୟ କୌଣସି ଛାଡ଼ କରାଯାଇପାରିବ, ଯଦି ସେହି ବ୍ୟବସ୍ଥାଟି ସମ୍ପୃକ୍ତ ବ୍ୟକ୍ତିର ବ୍ୟକ୍ତିଗତ ଲାଭ ପାଇଁ ଉଦ୍ଦିଷ୍ଟ ହୋଇଥାଏ । କିନ୍ତୁ ଯଦି ସେହି ନିୟମଟି କୌଣସି "ଗୁରୁତ୍ୱପୂର୍ଣ୍ଣ ଉଦ୍ଦେଶ୍ୟ" ସାଧନ କରୁଥାଏ, ତେବେ ସେ କ୍ଷେତ୍ରରେ କୌଣସି ଛାଡ଼ ହୋଇପାରିବ ନାହିଁ ।

6. ଏହି ପରିପ୍ରେକ୍ଷୀରେ ଆମେ ମଧ୍ୟସ୍ଥତା ଏବଂ ସମାଧାନ ଅଧ୍ୟାଦେଶ,1996 ର ଧାରା 4 ରେ ଥିବା ବ୍ୟବସ୍ଥାକୁ ମଧ୍ୟ ଉଲ୍ଲେଖ କରିପାରୁ, ଯାହା "ଆପତ୍ତି କରିବାର ଅଧିକାର ପରିତ୍ୟାଗ" ବିଷୟବସ୍ତୁ ଉପରେ ଆଧାରିତ । ଏଥିରେ ଏହି ବ୍ୟବସ୍ଥା ରଖାଯାଇଛି ଯେ, ଯଦି ଜଣେ ପକ୍ଷ ଜାଣନ୍ତି ଯେ— (a) ଏହି ଭାଗର କୌଣସି ବ୍ୟବସ୍ଥା ଯାହାକୁ ପକ୍ଷମାନେ ପରିତ୍ୟାଗ କରିପାରିଥାନ୍ତେ, କିମ୍ବା (b) ମଧ୍ୟସ୍ଥତା ରାଜିନାମା ଅଧୀନରେ ଥିବା କୌଣସି ଆବଶ୍ୟକତା ପାଳନ କରାଯାଇ ନାହିଁ; ଏବଂ ତାହା ସତ୍ତ୍ୱେ ସେହି ପକ୍ଷ ଉକ୍ତ ଅନୁପାଳନର ଅଭାବ ବିଷୟରେ କୌଣସି ଯଥାର୍ଥ କାରଣ କିମ୍ବା ଅଯଥା ବିଳମ୍ବ ନକରି ନିଜର ଆପତ୍ତି ନ ଦର୍ଶାଇ ମଧ୍ୟସ୍ଥତା ପ୍ରକ୍ରିୟା ଜାରି ରଖନ୍ତି, ତେବେ ଏହା ବିବେଚନା କରାଯିବ ଯେ ସେ ନିଜର ଆପତ୍ତି କରିବାର ଅଧିକାରକୁ ପରିତ୍ୟାଗ କରିସାରିଛନ୍ତି ।

7. ବର୍ତ୍ତମାନର ମାମଲାରେ ଆଉ ଏକ ଆଇନଗତ ଦିଗ ମଧ୍ୟ ଜଡ଼ିତ ଅଛି । ତାହା ହେଉଛି— ଏକ ମଧ୍ୟସ୍ଥତା ରାଜିନାମାକୁ ମୂଳ ଚୁକ୍ତିନାମା ମଧ୍ୟରେ ଥିବା ବିଷୟବସ୍ତୁର *ପରିସର ବାହାରେ* ବିଚାର କରାଯାଇପାରିବ କି ନାହିଁ । ଉତ୍ତରଦାତା ନିଜେ ଲିଖିତ ଭାବେ ଜଣେ ମଧ୍ୟସ୍ଥଙ୍କୁ ନିଯୁକ୍ତ କରିଥିବାରୁ, ଏଠାରେ ଏକ ପରୀକ୍ଷଣଯୋଗ୍ୟ ପ୍ରଶ୍ନ ଉଠୁଛି ଯେ— ଏହି କାର୍ଯ୍ୟକୁ ମଧ୍ୟସ୍ଥତାକୁ ପଠାଇବା ପାଇଁ ଏକ ନିହିତ ରାଜିନାମା ବୋଲି କୁହାଯାଇପାରିବ ନାହିଁ କି? ଏଠାରେ ଉଲ୍ଲେଖ କରାଯାଇପାରେ ଯେ, ଉପରୋକ୍ତ ଅଧ୍ୟାଦେଶର ଧାରା 7 (2) ମଧ୍ୟ ଏକ ପୃଥକ ରାଜିନାମାକୁ ମାନ୍ୟତା ପ୍ରଦାନ କରେ ।

8. ଯଦିଓ *ୱେଭର୍ଲି ଜୁଟ୍ ମିଲ୍ସ* ମାମଲାରେ ଉପରୋକ୍ତ ପ୍ରଶ୍ନଗୁଡ଼ିକର ପରୀକ୍ଷା କରାଯାଇ ନଥିଲା ଏବଂ ସେଗୁଡ଼ିକୁ ନିଜେ ସମାଧାନ କରିବା ପାଇଁ ଆମ ପାଖରେ ସୁଯୋଗ ଥିଲା, ତଥାପି ଆମେ ତାହା ନକରିବା ପାଇଁ ସ୍ଥିର କରିଛୁ; ନଚେତ୍ ଏପରି ମନେ ହୋଇପାରେ ଯେ ଆମେ ଏକ ବୃହତ୍ତର ନ୍ୟାୟପୀଠଙ୍କ ନିଷ୍ପତ୍ତିକୁ ଅଣଦେଖା କରୁଛୁ । ଏହା ପରିବର୍ତ୍ତେ, ଆମେ ଚାହୁଁଛୁ ଯେ ଏକ ୫ ଜଣିଆ ନ୍ୟାୟମୂର୍ତ୍ତିଙ୍କ ନ୍ୟାୟପୀଠ (ଯେହେତୁ *ୱେଭର୍ଲି* ମାମଲାଟି ସେହିଭଳି ଏକ ନ୍ୟାୟପୀଠ ଦ୍ୱାରା ନିଷ୍ପତ୍ତି ହୋଇଥିଲା) ଏହା ସ୍ଥିର କରନ୍ତୁ ଯେ— ଆମ ଦ୍ୱାରା ଉଲ୍ଲେଖ କରାଯାଇଥିବା ଆଇନଗତ

ଦିଗଗୁଡ଼ିକର ପରିପ୍ରେକ୍ଷୀରେ, ଉତ୍ତରଦାତାଙ୍କ ଭଳି ଜଣେ ବ୍ୟକ୍ତି ପାଇଁ ମଧ୍ୟସ୍ଥ (ମାନଙ୍କ) ର କ୍ଷେତ୍ରାଧିକାରର ଅଭାବ ଉପରେ ପ୍ରଶ୍ନ ଉଠାଇବା କେତେଦୂର ଯଥାର୍ଥ? ଏବଂ ସେହି ଆଧାରରେ (ଅନ୍ୟ ପକ୍ଷକୁ) ବହୁ ସମୟ, ଅର୍ଥ ଓ ଶକ୍ତି ବ୍ୟୟ କରି ଲଢ଼ାଯାଇଥିବା ତଥା ଜିତିଥିବା ଏକ ଦୀର୍ଘ ଯୁଦ୍ଧର ସୁଫଳରୁ ବଞ୍ଚିତ କରିବା କେତେଦୂର ଉଚିତ୍? ଏଭଳି କାର୍ଯ୍ୟ ସାମ୍ୟ ପ୍ରତି ମଧ୍ୟ ଗୁରୁତର ଆଘାତ ପହଞ୍ଚାଏ, ଯାହାକି ପକ୍ଷମାନଙ୍କ ମଧ୍ୟରେ କୌଣସି ବିବାଦର ସମାଧାନ କରିବା ସମୟରେ ଅଦାଲତଗୁଡ଼ିକ ମନେ ରଖିବା ପାଇଁ ଏକ ସମାନ ଗୁରୁତ୍ୱପୂର୍ଣ୍ଣ ଦିଗ ଅଟେ ।

୨. ରେଜିଷ୍ଟ୍ରି ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ପାଇଁ ମାନ୍ୟବର ଭାରତର ପ୍ରଧାନ ନ୍ୟାୟାଧୀଶଙ୍କ ସମ୍ମୁଖରେ କାଗଜପତ୍ର ଉପସ୍ଥାପନ କରନ୍ତୁ ।

ଜି.ଏନ୍. ଅପିଲଗୁଡ଼ିକର ଫଏସଲା କରାଗଲା ।

**<u>ଅସ୍ୱୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ" ।

***<u>ଭାଷାନ୍ତର :</u>***

**ଅମରେଶ୍ୱର ମିଶ୍ର, ଅନୁବାଦକ,**

**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।**